# NATIONAL NEWS BULLETIN (ODIA)

## 28 March - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମୌଳିକଢାଞ୍ଚା ଓ ନିର୍ମାଣ ପ୍ରକଳ୍ପ ଗୁଡ଼ିକ ପରିବେଶ ଉପଯୋଗୀ ହେବା ଉଚିତ୍ ଓ କମ୍ ଶକ୍ତି ବ୍ୟବହାର କରିବା ଆବଶ୍ୟକ ।
- ବିହାରର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଛି ।
- ବୈଦେଶିକ ମନ୍ତ୍ରଣାଳୟ କହିଛି, ଅରବିନ୍ଦ କେଜରିୱାଲଙ୍କ ଉପରେ ଆମେରିକା ବୈଦେଶିକ ବିଭାଗ ଦେଇଥିବା ମନ୍ତବ୍ୟ ଅବାଞ୍ଛନୀୟ ।
- ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ହାଜତରେ ରହଣି ସମୟକୁ ଏପ୍ରିଲ୍ ପହିଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛନ୍ତି ।

ଏବଂ

- ଭାରତ କହିଛି, ଅରୁଣାଚଳ ପ୍ରଦେଶ ଏହାର ଅବିଚ୍ଛେଦ୍ୟ ଅଂଶ ଥିଲା ଓ ଭବିଷ୍ୟତରେ ରହିବ ।

# ପ୍ରେଜ୍-ଇନ୍‌ଫ୍ରାଷ୍ଟ୍ରକଚର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମୌଳିକଢାଞ୍ଚା ଓ ନିର୍ମାଣ ପ୍ରକଳ୍ପ ଗୁଡ଼ିକୁ ପରିବେଶ ଉପଯୋଗୀ ଓ କମ୍ ଶକ୍ତି ବ୍ୟବହାର କରିବା ଭଳି କରାଯିବା ଉଚିତ୍ । କେନ୍ଦ୍ରୀୟ ପୂର୍ତ୍ତ ବିଭାଗର ଆଶିଷ୍ଟାଣ୍ଟ ଏଗ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର୍‌ମାନଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ସଡ଼କ, ଅଟ୍ଟାଳିକା ଓ ଅନ୍ୟ ମୌଳିକଢାଞ୍ଚା ପ୍ରକଳ୍ପ ଗୁଡ଼ିକ ସ୍ଥାୟୀ ଓ ପରିବେଶ ଉପଯୋଗୀ ହେବା ଆବଶ୍ୟକ ଏବଂ ସେଗୁଡ଼ିକ କମ୍ ଶକ୍ତି ବ୍ୟବହାର କରିବା ଉଚିତ୍ । ରାଷ୍ଟ୍ରପତି କହିଛନ୍ତି, ଇଞ୍ଜିନିୟର୍‌ମାନଙ୍କୁ ନୂଆ ନୂଆ ପଦ୍ଧତି ଗ୍ରହଣ କରିବାକୁ ହେବ । ଯାହା ଫଳରେ ସେମାନେ ନୂଆ ନୂଆ ଚ୍ୟାଲେଞ୍ଜ ଗୁଡ଼ିକର ମୁକାବିଲା କରିପାରିବେ । ଇଞ୍ଜିନିୟର୍‌ମାନେ ମିଳିମିଶି କାର୍ଯ୍ୟ କରିବା ସହ ବୈଷୟିକଜ୍ଞାନର ବହୁଳ ବ୍ୟବହାର କରିବାକୁ ରାଷ୍ଟ୍ରପତି କହିଛନ୍ତି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ ଓ ରୋବଟ୍ ଭଳି ନୂଆ ନୂଆ ବୈଷୟିକଜ୍ଞାନ ପାରମ୍ପରିକ କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ଆଣିଛି । ଶ୍ରୀମତୀ ମୁର୍ମୁ କହିଛନ୍ତି, ସବୁଜ ନିର୍ମାଣ ଆଜିର ମନ୍ତ୍ର ହୋଇଛି ଓ ଏହା ନୂଆ ନୂଆ ପଦ୍ଧତି ନିର୍ମାଣ କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଆଣିପାରିଛି ।

# ବିହାର-ନୋମିନେସ୍

ବିହାରର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଛି । ଏହି ପର୍ଯ୍ୟାୟରେ ଗୟା, ଔରଙ୍ଗାବାଦ, ନବାରା ଓ ଜାମୁଇ ଲୋକସଭା ଆସନରେ ମତଦାନ ହେବ । ୩୦ ତାରିଖରେ ପ୍ରାର୍ଥୀପତ୍ର ଗୁଡ଼ିକୁ ଯାଞ୍ଚ କରାଯିବ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଏପ୍ରିଲ୍ ୨ ତାରିଖ ରହିଛି । ମତଦାନ ଏପ୍ରିଲ୍ ୧୯ ତାରିଖରେ ହେବ । ଆମ ସମ୍ବାଦଦାତା ଜଣାଇଛନ୍ତି, ପ୍ରାର୍ଥୀପତ୍ର ଦାଖଲର ଆଜି ଶେଷ ଦିନରେ ବହୁ ସଂଖ୍ୟାରେ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବିଜେପି ଦୁଇଟି ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଲୋକଜନଶକ୍ତି ପାର୍ଟି ରାମବିଳାଶ ଓ ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା ଗୋଟିଏ ଲେଖାଏଁ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମହାମେଣ୍ଟରୁ ଆର୍.ଜେ.ଡି. ସମସ୍ତ ୪ଟି ଯାକ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛି ।

ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ କିଶନଗଞ୍ଜ, କଟିହାର୍, ପୂର୍ଣ୍ଣିଆ, ଭାଗଲପୁର ଓ ବାଙ୍କା ଲୋକସଭା ଆସନରେ ମତଦାନ ହେବ । ଏପ୍ରିଲ୍ ୪ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଥିବା ବେଳେ ତା ପର ଦିନ ସେଗୁଡ଼ିକୁ ଯାଞ୍ଚ କରାଯିବ । ଏପ୍ରିଲ୍ ୨୬ ତାରିଖରେ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ପାଇଁ ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ଜେ.ଡି.ୟୁ. ପ୍ରାର୍ଥୀ ସନ୍ତୋଷ କୁମାର କୁଶୱା ପୂର୍ଣ୍ଣିଆରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ତ୍ରିପୁରା-ନୋମିନେସନ୍

ତ୍ରିପୁରା ଇଷ୍ଟ ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ କ୍ରୀର୍ତ୍ତି ସିଂହ ଦେବବର୍ମା ଆଜି ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେଠାରେ ଏପ୍ରିଲ୍ ୨୬ ତାରିଖରେ ମତଦାନ ହେବ । ଏଥିପାଇଁ ଆଜିଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଗୁଡ଼ିକୁ ଯାଞ୍ଚ କରାଯାଉଛି । ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ସମସ୍ତ ୯ ଜଣ ଯାକ ପ୍ରାର୍ଥୀଙ୍କର ମନୋନୟନପତ୍ର ବୈଧ ଥିବାର ଜଣାପଡ଼ିଛି । ବିଜେପି ପ୍ରାର୍ଥୀ ବିପ୍ଳବ କୁମାର ଦେବ ଓ କଂଗ୍ରେସର ଆଶିଶ କୁମାର ଶାହା ତ୍ରିପୁରା ୱେଷ୍ଟ ଆସନରେ ଦୁଇ ପ୍ରମୁଖ ପ୍ରାର୍ଥୀ ରହିଛନ୍ତି । ଏପ୍ରିଲ୍ ୧୯ ତାରିଖରେ ସେଠାରେ ମତଦାନ ଅନୁଷ୍ଠିତ ହେବ ।

## ଜେ.କେ. ନୋଟିଫିକେସନ୍

ଜାମ୍ମୁ କାଶ୍ମୀରରେ ଜାମ୍ମୁ ଲୋକସଭା ଆସନ ପାଇଁ ଆଜି ବିଜ୍ଞପ୍ତି ଜାରି ହୋଇଛି । ସେଠାରେ ଏପ୍ରିଲ୍ ୨୬ ତାରିଖରେ ମତଦାନ ହେବ । ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଏପ୍ରିଲ୍ ୪ ତାରିଖ ରହିଛି । ଏପ୍ରିଲ୍ ୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଏପ୍ରିଲ୍ ୮ ତାରିଖ ରହିଛି । ବିଜେପି ଉପସ୍ଥିତ ଲୋକସଭା ସାଂସଦ ଯୁଗଳ କିଶୋରଙ୍କୁ ସେଠାରୁ ପ୍ରାର୍ଥୀ କରିଛି । କଂଗ୍ରେସ ରମଣ ଭାଲାଙ୍କୁ ପ୍ରାର୍ଥୀ କରିଛି ।

## ଇ.ସି. କାଶ୍ମୀର ମାଇଗ୍ରାଣ୍ଟସ୍

ନିର୍ବାଚନ କମିଶନ୍ କାଶ୍ମୀରି ସ୍ଥାନାନ୍ତରିତ ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ଭୋଟ ଗ୍ରହଣ କେନ୍ଦ୍ର ସ୍ଥାପନ କରିଛି । ସେହି ସ୍ଥାନାନ୍ତରିତ ଲୋକମାନେ ଜାମ୍ମୁ, ଉଧମପୁର ଓ ଦିଲ୍ଲୀର ବିଭିନ୍ନ କ୍ୟାମ୍ପ୍‌ରେ ରହୁଛନ୍ତି । ନିର୍ବାଚନ କମିଶନ୍ ଏକ ବିବୃତ୍ତିରେ କହିଛନ୍ତି, ଯେଉଁ ଲୋକମାନେ ନିଜର ବାସସ୍ଥାନ ଠାରୁ ବାହାରେ ରହୁଛନ୍ତି ସେମାନଙ୍କୁ ପୋଷ୍ଟାଲ ବ୍ୟାଲଟ୍ ଯୋଗେ ମତଦାନ କରିବାର ସୁଯୋଗ ଦିଆଯିବ ।

# ବିଜେପି-ମହତାବ

କଟକ ସାଂସଦ ଭର୍ତ୍ତୃହରି ମହତାବ ଆଜି ବିଜେପିରେ ଯୋଗ ଦେଇଛନ୍ତି । କିଛି ଦିନ ପୂର୍ବେ ସେ ବି.ଜେ.ଡ଼ି.ରୁ ଇସ୍ତଫା ଦେଇଥିଲେ । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳର ସାଧାରଣ ସମ୍ପାଦକ ବିନୋଦ ତାୱଡେଙ୍କ ଉପସ୍ଥିତିରେ ସେ ନୂଆଦିଲ୍ଲୀ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ପାର୍ଟିରେ ଯୋଗ ଦେଇଛନ୍ତି । ଏହି ଅବସରରେ ଆଉ କିଛି ବ୍ୟକ୍ତି ବିଜେପିରେ ଯୋଗ ଦେଇଛନ୍ତି ।

ଇତିମଧ୍ୟରେ ରାଞ୍ଚିର ପୂର୍ବତନ ବିଜେପି ସାଂସଦ ରାମ ତହଲ ଚୌଧୁରୀ କଂଗ୍ରେସରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେଠାରେ କଂଗ୍ରେସ ନେତା ଗୁଲାମ ଅହମ୍ମଦ ମୀର୍ ଓ ପବନ ଖେଡ଼ା ଉପସ୍ଥିତ ଥିଲେ ।

# ବିଜେପି-ଝାଡ଼ଖଣ୍ଡ

ବିଜେପି ଓ ସୁଦେଶ କୁମାର ମାହାତୋଙ୍କ ନେତୃତ୍ୱରେ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଝାଡ଼ଖଣ୍ଡ ଲୋକସଭା ନିର୍ବାଚନରେ ଆସନ ବୁଝାମଣାରେ ଉପନିତ ହୋଇଛନ୍ତି । ବିଜେପି ୧୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ଓ **AJSU** ଗିରିଡ଼ି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ।

ବିଜେପି ସାଧାରଣ ସମ୍ପାଦକ ଅରୁଣ ସିଂହ ସାମାଜିକ ଗଣମାଧ୍ୟମରେ ଏହା କହିଛନ୍ତି ।

## ମହା-ଇଲେକ୍ସନ୍ ଅପ୍‌ଡେଟ୍

ମହାରାଷ୍ଟ୍ରରେ ରାମ୍‌ଟେକ୍ ଲୋକସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ରଶ୍ମୀ ବାର୍‌ବେଙ୍କ ଜାତିଗତ ପ୍ରମାଣପତ୍ର ସାମାଜିକ ନ୍ୟାୟ ଓ ସ୍ୱତନ୍ତ୍ର ସହାୟତା ବିଭାଗର କାଷ୍ଟ ଭେରିଫିକେସନ୍ କମିଟି ଦ୍ୱାରା ନାକଚ୍ ହୋଇଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ରାଜ୍ୟରେ ଆରମ୍ଭ ହୋଇଛି । ନିର୍ଦ୍ଦଳୀୟ ପ୍ରାର୍ଥୀ ଜାଫର୍ ଅଲି ଖାଁ ମେହେମୁଦ ଅଲି ଖାଁ ପଠାନ୍ ନାନ୍ଦେଡ୍ ଲୋକସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ଏମ୍.ଇ.ଏ.-ୟୁ.ଏସ୍.

ବୈଦେଶିକ ମନ୍ତ୍ରଣାଳୟ କହିଛି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଉପରେ ଆମେରିକା ବୈଦେଶିକ ବିଭାଗ ସମ୍ପ୍ରତି ଦେଇଥିବା ମନ୍ତବ୍ୟ ଅବାଞ୍ଛନୀୟ । ନୂଆଦିଲ୍ଲୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍

କହିଛନ୍ତି, ଭାରତର ନିର୍ବାଚନ ଓ ନ୍ୟାୟିକ ପଦ୍ଧତିରେ ଏଭଳି ବାହ୍ୟ ହସ୍ତକ୍ଷେପ ଆଦୌ ଗ୍ରହଣୀୟ ନୁହେଁ । ଗତକାଲି ଭାରତ ଆମେରିକା ଦୂତାବାସରେ ଏ ସଂକ୍ରାନ୍ତରେ ଘୋର ପ୍ରତିବାଦ କରିଥିଲା ।

ମୁଖପାତ୍ର କହିଛନ୍ତି, ଭାରତରେ ନ୍ୟାୟିକ ପ୍ରକ୍ରିୟା ଆଇନ୍ ଅନୁସାରେ ଚାଲିଥାଏ । ସେ କହିଛନ୍ତି, ବିଶ୍ୱର ଅନ୍ୟ ଏକ ଗଣତାନ୍ତ୍ରିକ ଦେଶ ଏହାକୁ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ । ସେ କହିଛନ୍ତି, ଭାରତ ଏହାର ସ୍ୱାଧୀନତା ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ନେଇ ଗର୍ବ ଅନୁଭବ କରେ ଓ ସେଗୁଡ଼ିକୁ ଯେକୌଣସି ବାହ୍ୟ ପ୍ରଭାବରୁ ସୁରକ୍ଷିତ ରଖିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ଆନ୍ତର୍ଜାତିକ ସମ୍ପର୍କରେ ପାରସ୍ପରିକ ସମ୍ମାନ ଓ ବୁଝାମଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଦେଶ ଗୁଡ଼ିକୁ ପରସ୍ପରର ସାର୍ବଭୌମତ୍ୱ ତଥା ଆଭ୍ୟନ୍ତରୀଣ ବ୍ୟପାରକୁ ସମ୍ମାନ କରିବାକୁ ହେବ ।

## ପିଏମ୍-ଲୟର୍ସ୍ ଲେଟର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭୟ ପ୍ରଦର୍ଶନ କରିବା କଂଗ୍ରେସର ଏକ ଅଭ୍ୟାସ ହୋଇ ରହିଛି । କିଛି ଓକିଲ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଲେଖିଥିବା ଚିଠି ଉପରେ ସାମାଜିକ ଗଣମାଧ୍ୟମ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ପାଞ୍ଚ

ଦଶନ୍ଧି ତଳେ କଂଗ୍ରେସ ଏକ ଦାୟିତ୍ୱବାନ ନ୍ୟାୟପାଳିକା ପାଇଁ ଆହ୍ୱାନ ଦେଇଥିଲା । ସେ କହିଛନ୍ତି, କଂଗ୍ରେସ ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ଠାରୁ ଦାୟିତ୍ୱବାନତାର ଆଶା କରୁଥିବା ବେଳେ ଦେଶ ପ୍ରତି ନିଜର ଦାୟିତ୍ୱବାନତାର ପାଳନ କରୁନାହିଁ । ସେ କହିଛନ୍ତି, ୧୪୦ କୋଟି ଭାରତୀୟ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ।

ହରିଶ୍ ସାଲଭେ, ମନନ କୁମାର ମିଶ୍ର ଓ ପିଙ୍କି ଆନନ୍ଦଙ୍କ ଭଳି କିଛି ଓକିଲ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଛନ୍ତି । ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଗୁଡ଼ିକ ନ୍ୟାୟପାଳିକା ଉପରେ ଚାପ ପକାଉଛନ୍ତି, ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି ଓ କୋର୍ଟ୍ ଗୁଡ଼ିକୁ ବଦ୍‌ନାମ କରୁଛନ୍ତି ବୋଲି ସେମାନେ ଦୋଷାରୋପ କରିଛନ୍ତି । ସେମାନଙ୍କର ଏଭଳି ଚାପ ପକାଇବାର କୌଶଳ ରାଜନୈତିକ ମାମଲା ଗୁଡ଼ିକରେ ଦେଖିବାକୁ ମିଳିଥିବା କଥା ଓକିଲମାନେ କହିଛନ୍ତି ।

## ତେଜସ୍ ଏମ୍.କେ.୧ଏ

ତେଜସ୍ **MK1A** ଯୁଦ୍ଧ ବିମାନ ଆଜି ବେଙ୍ଗାଲୁରୁ ସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍‌ରୁ ଏହାର ପ୍ରଥମ ଉଡ଼ାଣ ସଫଳତାର ସହ ସମ୍ପନ୍ନ କରିଛି । **MK1A** ଯୁଦ୍ଧ ବିମାନରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ର୍ୟାଡାର୍, ଯୁଦ୍ଧାସ୍ତ୍ର, ଯୋଗାଯୋଗ ବ୍ୟବସ୍ଥା ଓ ଲଢୁଆ କ୍ଷମତା ଖଞ୍ଜା

ଯାଇଛି । ଏଥିରେ ଆକ୍ଟିଭ୍ ଇଲେକ୍ଟ୍ରୋନିକାଲି ସ୍କାନ୍‌ର ଆରେ ର୍ୟାଡାର୍, ଇଲେକ୍ଟ୍ରୋନିକ୍ ୱାର୍‌ଫେୟାର୍ ସୁଟ୍, ବିୟଣ୍ଡ ଭିଜୁଆଲ୍ ରେଞ୍ଜ୍ ମିଶାଇଲ୍ ଓ ଏୟାର୍ ଟୁ ଏୟାର୍ ରିଫୁଏଲିଙ୍ଗ୍ ବ୍ୟବସ୍ଥା ଖଞ୍ଜା ଯାଇଛି ।

## କେଜରିୱାଲ୍-କଷ୍ଟୋଡି

ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ହାଜତରେ ରହଣି ସମୟକୁ ଏପ୍ରିଲ୍ ପହିଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛନ୍ତି । ଦିଲ୍ଲୀ ମାଦକଦ୍ରବ୍ୟ ଦୁର୍ନୀତି ମାମଲାରେ ଇ.ଡି. ତାଙ୍କୁ ଗତ ୨୧ ତାରିଖରେ ଗିରଫ୍ କରିଥିଲା । ରାଉଜ୍ ଆଭେନ୍ୟୁ କୋର୍ଟ୍‌ର ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ଶ୍ରୀ କେଜରିୱାଲ୍‌ଙ୍କ ହାଜତରେ ରହଣି ସମୟର ସମ୍ପ୍ରସାରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଇ.ଡି. ହାଜତରେ ତାଙ୍କର ୬ ଦିନର ରହଣି ଶେଷ ହୋଇଯିବା ପରେ  ଏଭଳି ସମ୍ପ୍ରସାରଣ କରାଯାଇଛି ।

ଗତକାଲି ଦିଲ୍ଲୀ ହାଇକୋର୍ଟ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ୍ ଦେବାକୁ ଅଗ୍ରାହ୍ୟ କରିଥିଲେ ।

# ଏମ୍.ଇ.ଏ.-ଚାଇନା

ବୈଦେଶିକ ମନ୍ତ୍ରଣାଳୟ କହିଛି, ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଂଶ ଥିଲା ଓ ଭବିଷ୍ୟତରେ ରହିବ । ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ବିଭାଗ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ଅଣୁରାଚଳ ପ୍ରଦେଶକୁ ନେଇ ଭାରତର ଆଭିମୁଖ୍ୟ ସର୍ବଦା ସ୍ୱଷ୍ଟ ରହିଛି । ସେ କହିଛନ୍ତି, ଚୀନ୍ ଏହା ଉପରେ ଭିତ୍ତିହୀନ ଦାବିମାନ କରି ଆସୁଛି, କିନ୍ତୁ ଏହା ଦ୍ୱାରା ଭାରତର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ।

ରୁଷ ସେନା ବାହିନୀରୁ ଭାରତୀୟ ମାନଙ୍କୁ ଛାଡ଼ି ଦିଆଯିବା ପ୍ରସଙ୍ଗ ଉପରେ ସେ କହିଛନ୍ତି, ମନ୍ତ୍ରଣାଳୟ ରୁଷ କର୍ତ୍ତୃପକ୍ଷଙ୍କ ସହ ଏହି ଘଟଣାରେ ଯୋଗାଯୋଗ ଜାରି ରଖିଛି । ସେ କହିଛନ୍ତି, ଭାରତୀୟମାନଙ୍କୁ ଖୁବ୍ ଶୀଘ୍ର ଛାଡ଼ି ଦେବା ପାଇଁ ଭାରତ ରୁଷ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛି ।